

ଶୁଭମିତ୍ରା ହତ୍ୟାକାଣ୍ଡ

# ବାସ୍ତବ ଜୀବନରେ ସିନେମା 'ମନଷ୍ଟର'





ଭୁବନେଶ୍ୱର, ୧୮।୯ (ସମିସ): ମହିଳା ଟ୍ରାଫିକ କନେଷ୍ଟବଳ ଶୁଭମିତ୍ରା ସାହୁଙ୍କ ହତ୍ୟା ଘଟଣା ପଦାକୁ ଆସିବା ନୂଆ ନୂଆ ତଥ୍ୟ ସାମ୍ନାକୁ ଆସୁଛି। ମାଲାୟଲମ୍ ସିନେମା 'ମନଷ୍ଟର' ସହ ଶୁଭମିତ୍ରା ହତ୍ୟାକାଣ୍ଡ ଏକପ୍ରକାର ସମାନ। ମୋହନ ଲାଲଙ୍କ ଅଭିନୀତ ଏହି ଚଳଚ୍ଚିତ୍ରରେ ବୀମା ରାଶି ହାତେଇବା ପାଇଁ ହନି ରୋଜ୍ କିପରି ଗୋଟିଏ ପରେ ଗୋଟିଏ ହତ୍ୟା କରୁଛନ୍ତି ତାହା ଦେଖିବାକୁ ମିଳିଛି। ହନି ରୋଜ୍ ନିଜ ନାମ ବଦଳାଇ ଗୋଟିଏ ପରେ ଗୋଟିଏ ବିବାହ କରିବା ସହ ସ୍ୱାମୀଙ୍କୁ ହତ୍ୟା କରୁଥିଲେ। ଆଉ ସ୍ୱାମୀଙ୍କ ମୃତ୍ୟୁପରେ ବୀମା ବାବଦକୁ ୩ କୋଟି ଟଙ୍କା ପାଉଥିଲେ। ୩ଟି ରାଜ୍ୟରେ ୩ଟି ହତ୍ୟା କରି ୧୨ କୋଟି ଟଙ୍କା ହାତେଇ ଥିଲେ। ଚତୁର୍ଥ ହତ୍ୟାକାଣ୍ଡ କରିବା ପୂର୍ବରୁ ତଦନ୍ତକାରୀ ଅଧିକାରୀ ମୋହନ ଲାଲଙ୍କ ହାତରେ ଧରାପଡ଼ିଥିଲେ। ୨୦୨୨ ମସିହାର ଏହି ମାଲାୟଲମ୍ ସିନେମା ସହ ଦୀପକର ଥିଓରୀ ଏକପ୍ରକାର ମ୍ୟାଚ କରୁଛି।

ଦୀପକ କେବଳ ଶୁଭମିତ୍ରାଙ୍କୁ ନୁହେଁ, ବରଂ ବୀମା ଟଙ୍କା ହାତେଇବା ପାଇଁ ଦୀପକ ତା'ର ପ୍ରଥମ ପତ୍ନୀଙ୍କୁ ହତ୍ୟା କରିଥିବା ଅଭିଯୋଗ ହୋଇଛି। ପତ୍ନୀଙ୍କ ମୃତ୍ୟୁ ବେଳକୁ ସେ ୭ ମାସର ଗର୍ଭବତୀ ଥିବାରୁ ଗର୍ଭସ୍ଥ ଶିଶୁ ମୃତ୍ୟୁ ପଛରେ ମଧ୍ୟ ପିଶାଚ ଦୀପକ ଦାୟୀ ବୋଲି ଅପର୍ଣ୍ଣାଙ୍କ ପରିବାର ଅଭିଯୋଗ କରିଛନ୍ତି। ସେପଟେ ବୁଧବାର କେନ୍ଦୁଝରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ କରିବା ପରେ ଗୁରୁବାର ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପ୍ରାଥମିକ ବ୍ୟବଚ୍ଛେଦ ରିପୋର୍ଟ ରାଜ୍ୟ ଅପରାଧ ବିଧିବିଜ୍ଞାନାଗାର (ଏସ୍ଏଫ୍ଏସ୍ଏଲ୍) କୁ ଆସିଛି। ଏଥିସହିତ ମୃତଦେହରୁ ସଂଗ୍ରହ ହୋଇଥିବା ବିଭିନ୍ନ ନମୁନା ମଧ୍ୟ ଅଣାଯାଇଛି।

## ପ୍ରମାଣ ଅଭାବରୁ ଅପର୍ଣ୍ଣା ମାମଲା ବନ୍ଦ

କନେଷ୍ଟବଳ ଦୀପକ ୨୦୧୮ ମସିହାରେ ଢେଙ୍କାନାଳ ଜିଲ୍ଲା ତିଳପଦା ଗାଁର ଅପର୍ଣ୍ଣା ପ୍ରିୟଦର୍ଶିନୀଙ୍କୁ ବିବାହ କରିଥିବା ବେଳେ ୨୦୨୧ ମସିହାରେ ଅପର୍ଣ୍ଣା କନ୍ଦରସିଂହାରେ ରାଜସ୍ୱ ନିରୀକ୍ଷକ ଭାବେ କାମ କରୁଥିଲେ। ୨୦୨୨ ମସିହା ମାର୍ଚ୍ଚ ମାସ ୧୭ ତାରିଖ ଦିନ ଦୀପକ ଓ ଅପର୍ଣ୍ଣା କାର ଯୋଗେ ଢେଙ୍କାନାଳରୁ ଭୁବନେଶ୍ୱର ଆସୁଥିଲେ। ଖୁଣ୍ଟୁଣି ଥାନା ଅଧୀନସ୍ଥ ରାଧାଦାମୋଦରପୁର ଠାରେ ପରିସ୍ରା କରିବାକୁ କାର ରଖିଥିଲେ। ଅପର୍ଣ୍ଣା ପରିସ୍ରା କରିବାକୁ ଯାଉଥିବା ବେଳେ ଟ୍ରକ୍ ଧକ୍କାରେ ଆହତ ହୋଇଥିଲେ। ଗୁରୁତର ଅପର୍ଣ୍ଣାଙ୍କୁ ଦୀପକ ଆମ୍ବୁଲାନ୍ସରେ ନେବା ପରିବର୍ତ୍ତେ ନିଜ କାର୍‌ରେ ନେଇଥିଲା। କଟକସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଅପର୍ଣ୍ଣା ପ୍ରାଣ ହରାଇଥିଲେ। ଦୀପକର ଅଭିଯୋଗ କ୍ରମେ ଖୁଣ୍ଟୁଣୀ ଥାନା ପୁଲିସ କେସ୍ ନଂ - ୭୨/୨୨ ରେ ଦୁର୍ଘଟଣା ଜନିତ ମାମଲା ରୁଜୁ କରିଥିଲା। ହେଲେ ପ୍ରମାଣ ଅଭାବରୁ ପରବର୍ତ୍ତୀ ସମୟରେ ମାମଲାକୁ ବନ୍ଦ କରି ଦେଇଥିଲା। ଟ୍ରକ୍ ଚାଳକ ବିରୋଧରେ ଚାର୍ଜସିଟ୍ ଦାଖଲ କରିବା ପରିବର୍ତ୍ତ? ଏଫ୍ଆରଟି ନୋ କ୍ଲୁ କରି ମାମଲାକୁ ଚାପି ଦେଇଥିଲା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ପତ୍ନୀ ୭ ମାସର ଗର୍ଭବତୀ ସତ୍ତ୍ୱେ ଦୀପକ ବିନା କୌଣସି ମହିଳାରେ କାହିଁକି ଲମ୍ବା ଯାତ୍ରା କରୁଥିଲା ତାକୁ ନେଇ ପ୍ରଶ୍ନ ଉଠିଛି। ଆଖପାଖରେ ପ୍ରାଥମିକ ଚିକିତ୍ସା ନ କରି ସିଧା କଟକ ନେଇଥିବାରୁ ଚିକିତ୍ସା ଅଭାବରୁ ଅପର୍ଣ୍ଣାଙ୍କ ମୃତ୍ୟୁ ହେବା କଥାକୁ ଏଡ଼ାଇ ଦିଆଯାଇ ନ ପାରେ। ଅପର୍ଣ୍ଣାଙ୍କ ମୃତ୍ୟୁପରେ ବୀମା ବାବଦକୁ କୋଟିଏ ଟଙ୍କା ପାଇଥିଲା ଦୀପକ। ଏବେ ବୀମାରାଶି ହାତେଇବାକୁ ଶୁଭମିତ୍ରାଙ୍କୁ ହତ୍ୟା କରିବା କଥା ଜଣାପଡ଼ିବା ପରେ ପ୍ରଥମ ପତ୍ନୀଙ୍କ ମାମଲାକୁ ପୁଣି ଖୋଲିଛି ପୁଲିସ। ତତ୍କାଳୀନ ଥାନା ଅଧିକାରୀ ଓ ଘଟଣାର ତଦନ୍ତକାରୀ ଅଧିକାରୀଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଇଛି।

## ପିଏଫ୍ ଟଙ୍କା ହାତେଇବାକୁ ବଡ଼ବଡ଼ିଆଙ୍କ ଚାପ

ଅପର୍ଣ୍ଣାଙ୍କ ମୃତ୍ୟୁପରେ କୋଟିଏ ଟଙ୍କା ବୀମା ରାଶି ପାଇବା ପରେ ମଧ୍ୟ ଦୀପକର ଲୋଭ ସରିନଥିଲା। ପ୍ରୋଭିଡିଏଣ୍ଟ ଫଣ୍ଡ (ପିଏଫ୍) ଓ ଗ୍ରାଚୁଇଟି ଟଙ୍କା ଉପରେ ନଜର ପକାଇଥିଲା ଦୀପକ। ସରକାରୀ ସ୍ତରରେ କାଗଜପତ୍ର କାମ ଶୀଘ୍ର କରିବା ପାଇଁ ଢେଙ୍କାନାଳ ଜିଲ୍ଲା ସରକାରୀ ଅଫିସ ଉପରେ ବରିଷ୍ଠ ପୁଲିସ ଅଧିକାରୀଙ୍କ ଦ୍ୱାରା ଚାପ ପକାଉଥିଲା। ଏମିତିକି ଜାଲିଆତି କରି ସର୍ଭିସ୍ ବୁକରେ ନିଜକୁ ନୋମିନି ଭାବେ ଉପସ୍ଥାପିତ କରିଥିଲା। କିଛି ଦିନ ହେବ ପିଏଫ୍ ଓ ଗ୍ରାଚୁଇଟି ଟଙ୍କା ପାଇବା ପାଇଁ ଢେଙ୍କାନାଳ ଜିଲ୍ଲା ଓ ଓଡ଼ାପଡ଼ା ତହସିଲ ଅଫିସକୁ ଚାପ ପକାଉଥିଲା। ମୃତ ରାଜସ୍ୱ ନିରୀକ୍ଷକ ଅପର୍ଣ୍ଣାଙ୍କ ସର୍ଭିସ୍ ବୁକରେ ଅନିୟମିତତା ଜାଣିପାରି ଓଡ଼ାପଡ଼ା ତହସିଲଦାର ଏହି ପ୍ରକ୍ରିୟାକୁ ରୋକି ଦେଇଥିଲେ।

## ସିପି ଅଫିସ ପାର୍କିଂରେ ଶୁଭମିତ୍ରାଙ୍କ ମୃତଦେହ

ଶୁଭମିତ୍ରାଙ୍କୁ ହତ୍ୟା କରିବା ପରେ କାରରେ ମୃତଦେହ ରଖିଥିଲା ଦୀପକ। ମର୍ଡର ସ୍ପଟରୁ ମୃତଦେହ ଭର୍ତ୍ତି କାର ନେଇ ସିଧା ଯାଇଥିଲା ପୁଲିସ ସେବା ଭବନ (ସିପି ଅଫିସ)। ସେଠାରେ ପ୍ରାୟ ୨ ଘଣ୍ଟା ଧରି ପାର୍କ ହୋଇଥିଲା କାର। ସନ୍ଧ୍ୟା ହେବାପରେ ଘଟଗାଁ ବାହାରିଥିଲା ଦୀପକ। ସିସିଟିଭି, ବନ୍ଧୁକଧାରୀ ସୁରକ୍ଷାକର୍ମୀ ଓ ଅନ୍ୟ ବରିଷ୍ଠ ପୁଲିସ ଅଧିକାରୀ ଥିବା ସତ୍ତ୍ୱେ କେହି ମଧ୍ୟ ଏସବୁର ଟେର୍ ପାଇ ନ ଥିଲେ। ଆଜି ୩ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି ପୁଲିସ। ଜାମିନ ନାମଞ୍ଜୁର ହେବା ପରେ ଦୀପକ ଓ ଅନ୍ୟ ଦୁଇ ସହଯୋଗୀଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଜେଲ୍ ଯିବାପରେ ଦୀପକକୁ ନିଲମ୍ବିତ କରାଯାଇଛି। କିନ୍ତୁ ଏଭଳି ବିଭତ୍ସ ଓ ଲୋମହର୍ଷଣକାରୀ କାଣ୍ଡକୁ ସହଜରେ ହଜମ କରିପାରି ନାହାନ୍ତି ପରିବାର ଲୋକେ।

### ୫ ହଜାର ପାଇଁ ଫସିଗଲା ଜଟିଆ





ଦୀପକର ମାଉସୀ ପୁଅ ଭାଇ ପପୁ ଓ ଜଟିଆ ଗୋଟିଏ ଗାଁର ହୋଇଥିବା ବେଳେ ଉଭୟ ସବୁବେଳେ ମିଳାମିଶା କରୁଥିଲେ। ଶୁଭମିତ୍ରା ହତ୍ୟାକାଣ୍ଡର ସପ୍ତାହେ ପୂର୍ବରୁ ଜଟିଆ ଘରକୁ ଯାଇଥିଲା ପପୁ। ଭାଇ ପୁଲିସ ବିଭାଗରେ ଚାକିରି କରିଥିବାରୁ କଳା ଧନ (ସୁନାଗହଣା) ସବୁ ରଖିବାରେ ଅସୁବିଧା ହେଉଛି ବୋଲି କହିଥିଲା। ସେଥିଲାଗି ତମ ବାଡ଼ିରେ ଗାତ ଖୋଳି କଳା ଧନ ସବୁ ପୋତି ଦେବା ବୋଲି ଜଟିଆକୁ କହିଥିଲା। ଏଥିଲାଗି ତ । କୁ ପ୍ରତି ମାସରେ ୫ ହଜାର ଟଙ୍କା ଦେବ ବୋଲି ପ୍ରତିଶ୍ରୁତି ଦେବା ସହ ଗୋଟିଏ ମାସର ଟଙ୍କା ଦେଇ ଦେଇଥିଲା। ଟଙ୍କା ପାଇବା ପରେ ଅର୍ଥାତ୍ ହତ୍ୟାକାଣ୍ଡର ୬ ଦିନ ପୂର୍ବରୁ ଜଟିଆ ତାର ବାଡ଼ିରେ ଗାତ ଖୋଳିଥିଲା। ଘଟଣା ଦିନ ରାତିରେ ଦୀପକ, ପପୁ ଓ ଜଟିଆ ମିଶି ମୃତଦେହକୁ ପୋତିଥିଲେ।

## ଚାକିରି ଦେବାକୁ କହି ଠକେଇ; ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ୧୮ ।୯ (ସମିସ): ସିକ୍ୟୁରିଟ୍ ସଂସ୍ଥାରେ ଚାକିରି ଦେବାକୁ କହି ଠକେଇ କରିବା ଅଭିଯୋଗରେ ନୂଆପଲ୍ଲୀ ଥାନା ପୁଲିସ ଜଣେ ଅଭିଯୁକ୍ତକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲା ରଘୁନାଥପୁର ଗ୍ରାମର ସରୋଜ କୁମାର ନାୟକ। ଅଭିଯୋଗକାରୀ ଅଜୟ କୁମାର ନାୟକଙ୍କ ଲିଖିତ ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁକରି ତଦନ୍ତ କରିଥିଲା।

ସୂଚନାଯୋଗ୍ୟ ଯେ, ସରୋଜ ଆଇଆରସି ଭିଲେଜ ଅନ୍ତର୍ଗତ ପ୍ଲଟ ନମ୍ବର-ଏନ୍ ୫/୩୪ ରେ ଥିବା "ଡେ ନାଇଟ ସିକ୍ୟୁରିଟି ସର୍ଭିସ" ସଂସ୍ଥାର ମାଲିକ। ଗତ ୮ ତାରିଖ ସକାଳେ ସରୋଜ ଚାକିରୀ କରାଇ ଦେବାର ପ୍ରତିଶ୍ରୁତି ଦେଇ ଅଜୟଙ୍କ ସାନଭାଇ ମନୋଜ ନାୟକ ଏବଂ ତାଙ୍କ ବନ୍ଧୁ ଗୌତମ ବେହେରାଙ୍କ ନିକଟରୁ ୩ହଜାର ଟଙ୍କା ନେଇଥିଲେ। ଟଙ୍କା ନେବାର ବେଶ କିଛିଦିନ ବିତିଯାଇଥିଲେ ମଧ୍ୟ ଅଭିଯୁକ୍ତ ଉଭୟଙ୍କୁ ନିଯୁକ୍ତି ଦେଇନଥିଲେ ବରଂ ଦିନପରେ ଦିନ ଗଡ଼ାଇ ଚାଲିଥିଲେ। ଏହା ଦେଖି ଗତ କାଲି ସକାଳେ ଅଜୟଙ୍କ ସାନ ଭାଇ ମନୋଜଙ୍କୁ ସାଙ୍ଗରେ ନେଇ ସରୋଜଙ୍କ ନିକଟକୁ ଯାଇ ନେଇଥିବା ଟଙ୍କା ଫେରାଇଦେବା ଲାଗି କହିଥିଲେ। ଏହା ଶୁଣି ସରୋଜ ଉତ୍ତେଜିତ ହୋଇ ତାଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳି ଗୁଲଜ କରିବା ସହ ହଠାତ ଏକ ହେଲମେଟ ସାହାଯ୍ୟରେ ତାଙ୍କ ମୁଣ୍ଡକୁ ଲକ୍ଷକରି ଆକ୍ରମଣ କରିଥିଲେ। ଏହି ଆକ୍ରମଣ ଫଳରେ ଅଭିଯୋଗକାରୀ ଜଣକ ଘଟଣା ସ୍ଥଳରେ ଗୁରୁତର ଆହତ ହୋଇଥିଲେ।

## ବିବାହ ଆଳରେ ଦୁଷ୍କର୍ମ; ଦୁଇ ଗିରଫ

ଭୁବନେଶ୍ୱର, ୧୮।୯ (ସମିସ): ବିବାହ ଆଳରେ ଦୁଷ୍କର୍ମ କରିଥିବା ଅଭିଯୋଗରେ ଦୁଇ ଜଣଙ୍କୁ ଗିରଫ କରିଛି କମିସନରେଟ ପୁଲିସ। ଗିରଫ ଅଭିଯୁକ୍ତ ହେଲେ ଭରତପୁର ଶିବ ନଗରର ଅନିରୁଦ୍ଧ ସ୍ୱାଇଁ ଓରଫ୍ ଅନିଲ (୨୬) ଓ ନିଆଳି ଥାନା ଅଞ୍ଚଳର ରମେଶ ରଣା (୩୦)। ପୁଲିସ ସୂଚନା ଅନୁସାରେ, ବଡ଼ଗଡ଼ ଥାନା ଅଞ୍ଚଳରେ ରହୁଥିବା ଜଣେ ଯୁବତୀଙ୍କୁ ଅନିଲ ବିବାହର ପ୍ରତିଶ୍ରୁତି ଦେଇ ବାରମ୍ବାର ଦୁଷ୍କର୍ମ କରିଥିଲା ଓ ସେହି ସମୟର କିଛି ଫଟୋ ଓ ଭିଡିଓ ନିଜ ମୋବାଇଲ ଫୋନରେ ସଂଗ୍ରହ କରି ନେଇଥିଲା। ପରେ ଫଟୋ ଓ ଭିଡିଓ ଦ୍ୱାରା ଅଭିଯୋଗକାରିଣୀଙ୍କୁ ବ୍ଲାକମେଲ କରିବା ସହିତ ଇଚ୍ଛା ବିରୋଧରେ ତାଙ୍କ ଦୁଷ୍କର୍ମ କରି ଆସୁଥିଲା। ଅଭିଯୋଗକାରିଣୀ ବଡ଼ଗଡ଼ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ଅନିଲକୁ ଗିରଫ କରିବା ସହ ମୋବାଇଲ୍ ଫୋନ୍ ଜବତ କରିଛି।

ସେହିପରି ଏକ ସରକାରୀ ଡାକ୍ତରଖାନାରେ ହାଉସ କିପିଙ୍ଗ ଭାବେ କାମ କରୁଥିବା ଜଣେ ଯୁବତୀ ସାମାଜିକ ଗଣମାଧ୍ୟମରୁ ରମେଶ ସଂସ୍ପର୍ଶରେ ଆସିଥିଲେ। ସମ୍ପର୍କ ନିବିଡ ହେବା ପରେ ରମେଶ ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ଦୀର୍ଘ ଦୁଇବର୍ଷ ହେବ ତାଙ୍କୁ ଦୁଷ୍କର୍ମ କରି ଆସୁଥିଲା। ଅଭିଯୋଗକାରିଣୀ ବିବାହ ଲାଗି ପ୍ରସ୍ତାବ ଦେବାରୁ ରମେଶ ଉତ୍ତ୍ୟକ୍ତ ହୋଇ ତାଙ୍କୁ ଗାଳିଗୁଲଜ କରିବା ସହ ଜାତିଆଣ ଆକ୍ଷେପ କରିଥିଲା। ଏଥିସହିତ ମାଡ ମଧ୍ୟ ମାରିଥିଲେ। ଗତ ମଙ୍ଗଳବାର ଅଭିଯୋଗକାରିଣୀ ନିଜ କର୍ମସ୍ଥଳରୁ ଘରକୁ ଫେରୁଥିବା ବେଳେ ରମେଶ ତାଙ୍କୁ ରାସ୍ତାରେ ଅଟକାଇ ମାଡ ମାରିବା ସହ ତାଙ୍କ ସ୍କୁଟିକୁ ଜୋରଜବରଦସ୍ତ ଛଡାଇ ନେଇଯାଇଥିଲା। ଏନେଇ ସେ ଖଣ୍ଡଗିରି ଥାନାରେ ଅଭିଯୋଗ କରିବା ପରେ ପୁଲିସ ରମେଶକୁ ଗିରଫ କରି ଅଭିଯୋଗକାରୀଙ୍କ ସ୍କୁଟି ଜବତ କରିଥିଲା।

## ବ୍ରାଉନ୍‌ସୁଗର ଜବତ; ଜଣେ ଗିରଫ

ଭୁବନେଶ୍ୱର, ୧୮।୯ (ସମିସ): ବେଆଇନ ବ୍ରାଉନସୁଗର କାରବାର କରୁଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଲକ୍ଷ୍ମୀସାଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଲକ୍ଷ୍ମୀସାଗର ଉପର ସାହିର ନିବାସ ଚନ୍ଦ୍ର ଜେନା (୪୨)।

ପୁଲିସ ସୂଚନାନୁସାରେ, ସନ୍ତୋଷୀ ବିହାର ଗେଟ ନିକଟରେ ବ୍ରାଉନସୁଗର ବିକ୍ରି ହେଉଥିବା ଖବରପାଇ ଲକ୍ଷ୍ମୀସାଗର ଥାନା ପୁଲିସ ଚଢ଼ଉ କରିଥିଲା। ସେଠାରୁ ନିବାସକୁ ଗିରଫ କରିବା ସହ ୧୦ ଗ୍ରାମ ଓଜନର ବ୍ରାଉନସୁଗର, ଗୋଟିଏ ସ୍କୁଟି, ଗୋଟିଏ ମୋବାଇଲ ଫୋନ୍ ଓ ୧୫୦୯ ଟଙ୍କା ଜବତ କରିଥିଲା। ଏନେଇ ଲକ୍ଷ୍ମୀସାଗର ଥାନା ପୁଲିସ ଏନଡିପିଏସ୍ ଆକ୍ଟରେ ମାମଲା ରୁଜୁ କରି ନିବାସକୁ କୋର୍ଟ ଚାଲାଣ କରିଛି। ଜବତ ବ୍ରାଉନସୁଗରର ଆନୁମାନିକ ମୂଲ୍ୟ ଏକଲକ୍ଷ ଟଙ୍କା ହେବ ବୋଲି ପୁଲିସ କହିଛି। ନିବାସ ନାମରେ ପୂର୍ବରୁ ମଧ୍ୟ ସମ୍ପୃକ୍ତ ଥାନାରେ ଏକ ବେଆଇନ ନିଶାଦ୍ରବ୍ୟ ବିକ୍ରି ଜନିତ ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା।

## ଡିଭାଇଡର୍‌ରେ ପିଟିହୋଇ ଓଲଟିଲା କାର୍



ନନ୍ଦନକାନନ, ୧୮।୯ (ସମିସ): ଭାରସାମ୍ୟ ହରାଇ ଓଲଟିଲା କାର। ଏଥିରେ ବଡ଼ ଅଘଟଣରୁ ଚାଳକ ଅଳ୍ପକେ ବର୍ତ୍ତିଯାଇ ଥିବାବେଳେ କାର୍ ଜଣେ ବାଇକ ଆରୋହୀଙ୍କ ସହ ମାଡ଼ ହେବାରୁ ଆରୋହୀ ଜଣକ ଗୋଡ ପାଦରେ ଆଘାତ ହୋଇଛି। ଘଟଣାରୁ ମିଳିଥିବା ଖବର ଅନୁଯାଇ ମଧ୍ୟାହ୍ନ ପ୍ରାୟ ୨ଟା ହେବ ସମୟରେ ଏକ ନାଲି ମର୍ଶିଡିଜ କାର ନନ୍ଦନକାନନ ରୋଡରେ ଭୁବନେଶ୍ୱର ଆଡେ ଯାଉଥିଲା। ଏହି ସମୟରେ ରଘୁନାଥପୁର ମନସୁନ ଗ୍ରୀନ ନିକଟ କଟିଙ୍ଗ ଠାରେ ଥିବା ଡିଭାଇଡ଼ରରେ ଭାରସାମ୍ୟ ହରାଇ ପିଟି ହୋଇ ରାସ୍ତାରେ ଓଲଟି ପଡ଼ିଥିଲା। କାର ଚାଳକଙ୍କୁ ଲୋକେ ବାହାର କରି ଆଣିଥିଲେ। ଚାଳକ ଜଣକ କଟକ ରାଣୀହାଟ ଅଞ୍ଚଳର ବୋଲି ଜଣାପଡ଼ିଛି। ସେ କୌଣସି କାର୍ଯ୍ୟରେ ଭୁବନେଶ୍ୱର ଯାଉଥିବା ପ୍ରକାଶ କରିଛନ୍ତି। ତେବେ ନନ୍ଦନକାନନ ଥାନା ଠାରୁ ଅଳ୍ପ ଦୂରରେ ଏଭଳି ଏକ ଦୁର୍ଘଟଣା ଘଟିଥିବା ବେଳେ ପୁଲିସକୁ ଆସିବାକୁ ବହୁ ବିଳମ୍ବ ହୋଇଥିଲା। ପୁଲିସ ପହଞ୍ଚି ଭିଡ଼ ନିୟନ୍ତ୍ରଣ କରିବା ସହ ଆହତଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନା ପଠାଇବାକୁ ବ୍ୟବସ୍ଥା କରିଥିଲା।

• ଚାପରେ ଚେପା କ୍ରୁଟ୍; ବଦଳିଲା ନିଷ୍ପତ୍ତି

## ବସ୍‌ରେ ବିଜ୍ଞାପନ ବଦଳରେ ଐତିହ୍ୟକୁ ମିଳିବ ସ୍ଥାନ

ଭୁବନେଶ୍ୱର, ୧୮।୯ (ସମିସ): ଶେଷରେ ଚାପରେ ଚେପା ହେଲା କ୍ରୁଟ୍। ଆମ ବସ୍‌ରେ ଐତ୍ୟିହ ବଦଳରେ ବିଜ୍ଞାପନ ଲଗାଇବା ନିଷ୍ପତ୍ତିକୁ ବଦଳାଇବାକୁ ବାଧ ହେଲା। ଓଡ଼ିଶାର ଐତିହ୍ୟ ରହିଥିବା ଗାଡ଼ିଗୁଡିକରୁ ବିଜ୍ଞାପନ ହଟାଇ ଦିଆଯାଇଛି। ଆଗାମୀ ଦିନରେ ମଧ୍ୟ ଏହି ବସ୍ ଗୁଡ଼ିକରେ ବିଜ୍ଞାପନ ନ ଲଗାଇବା ପାଇଁ ଏହା ଉପରେ ଧ୍ୟାନ ଦିଆଯିବ। ଓଡ଼ିଶାର ଐତିହ୍ୟ ରହିଥିବା ଗାଡ଼ିଗୁଡିକରୁ ବିଜ୍ଞାପନ ହଟାଇ ଦିଆଯାଇଛି। ଆଗାମୀ ଦିନରେ ମଧ୍ୟ ଏହି ବସ୍ ଗୁଡ଼ିକରେ ବିଜ୍ଞାପନ ନଲଗାଇବା ପାଇଁ ଏହା ଉପରେ ଧ୍ୟାନ ଦିଆଯିବ ବୋଲି କ୍ରୁଟ୍ ପକ୍ଷରୁ କୁହାଯାଇଛି।

ଆମ୍ ବସ୍‌ରେ ଶ୍ରୀମନ୍ଦିର, କୋଣାର୍କ ଚକ୍ର, ଭୁବନେଶ୍ୱର ସହରର ପର୍ଯ୍ୟଟନସ୍ଥଳୀର ଚିତ୍ର ଆମ ବସ୍‌ରେ ସ୍ଥାନ ଦିଆଯାଇଥିଲା। ହେଲେ କ୍ରୁଟ୍‌ର ଉଚ୍ଚପଦସ୍ଥ ଅଧିକାରୀମାନେ ଐତିହକୁ ଜଳାଞ୍ଜଳୀ ଦେବାକୁ ଏକ ଗୁପ୍ତ ବୈଠକ କଲେ। ମାତ୍ର ୨ହଜାର ଟଙ୍କାରେ ଐତିହ୍ୟକୁ ଏକ ବିଜ୍ଞାପନ କମ୍ପାନୀକୁ ବିକ୍ରି କରି ଦେବାକୁ ସ୍ଥିର କଲେ। ଐତିହ୍ୟକୁ ହଟାଯାଇ ବିଜ୍ଞାପନ ଲଗାଗଲା। ଏହାକୁ ନେଇ ସାରା ରାଜ୍ୟରେ ଅସନ୍ତୋଷର ନିଆଁ ଜଳିଥିଲା। ଲୋକେ କ୍ରୁଟ୍ ନିଷ୍ପତ୍ତିକୁ ଖୁଲମ୍ ଖୁଲା ଭୁଲ ବୋଲି କହିଥିଲେ। ଓଡ଼ିଶା ଅସ୍ମିତାର ଦ୍ୱାହି ଦେଇ ଶାସନକୁ ଆସିଥିବା ବିଜେପି ସରକାରଙ୍କୁ ଟାର୍ଗେଟ କରାଯାଇଥିଲା। ଶେଷରେ ଚାପରେ ଚେପା ହୋଇ କ୍ରୁଟ୍ ନିଷ୍ପତ୍ତି ବଦଳାଇବାକୁ ବାଧ ହୋଇଛି। ହେଲେ ନିଷ୍ପତ୍ତି ନେଇଥିବା ଅଧିକାରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା।

## ପାର୍ବଣରେ ହାର୍ଡକୋର୍‌ଙ୍କ ପ୍ରତି ଏତେ ଅନୁକମ୍ପା କାହିଁକି

ଭୁବନେଶ୍ୱର, ୧୮ ।୯ (ସମିସ): ଆଗକୁ ଆସୁଛି ପାର୍ବଣ ଋତୁ। ଏହାକୁ ନଜରରେ ରଖି ଅପରାଧୀ ସହରରେ ଲୁଟ୍‌ପାଟ୍ ଛିନ୍‌ତାଇ, ଦାଦାବଟି ମାଗିବା ଆଦି କାର୍ଯ୍ୟ କରିବେ। ତେଣୁ ପୁଲିସ ସହରରୁ ଅପରାଧୀ କ୍ଲିନ୍ କରିବା ପାଇଁ ପ୍ରତିବର୍ଷ ଅପରାଧୀଙ୍କୁ ତାଲିକା କରାଯାଇ ସେମାନଙ୍କୁ ଗିରଫ କରାଯାଏ। ପରେ ସେମାନଙ୍କ ବିରୋଧରେ ୧୧୦ ଏବଂ ଏନ୍ଏସ୍ଏ ଲଗାଏ ଜେଲ୍ ପଠାଇବା କଥା। ସହରରେ ଥିବା ପେଷାଦାର ଅପରାଧୀଙ୍କୁ ଉଠାଇବାକୁ ଡିସିପି ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଉଛନ୍ତି। ହେଲେ ଡିସିପିଙ୍କ ନିର୍ଦ୍ଦେଶକୁ ମାନୁନାହାନ୍ତି ଥାନା ଅଧିକାରୀ। ରାଜଧାନୀର ବିଭିନ୍ନ ଥାନାର ଇନ୍ସପେକ୍ଟର କୌଣସି ଅପରାଧୀଙ୍କୁ ଉଠାଇ ନାହାନ୍ତି। କେବଳ ଥାନାରେ ମାମଲା ହୋଇଥିବା ଲୁଟ୍‌ପାଟ, ଚୋରି ମାମଲାରେ ଅଭିଯୁକ୍ତମାନଙ୍କୁ ଗିରଫ କରି ବାଃ ବାଃ ନେଉଛି। ଯେଉଁଥି ପାଇଁ ବିଭିନ୍ନ ଥାନା ଅଞ୍ଚଳରେ ଏହି ଦୁର୍ଦ୍ଦାନ୍ତ ଅପରାଧୀମାନେ ଆତଙ୍କ କରୁଛନ୍ତି। କେଉଁଠି ହତ୍ୟା କରୁଛନ୍ତି ତ, ଆଉ କେଉଁଠି ନିଶା କାରବାର।

ରାଜଧାନୀରେ ବିଭିନ୍ନ ଥାନା ଆଗରେ ଦଲାଲ ସକ୍ରିୟ ରହୁଛନ୍ତି। ସେମାନଙ୍କର ଏହି ଦୁର୍ଦ୍ଦାନ୍ତ ଅପରାଧୀଙ୍କ ସହିତ ଭଲ ସମ୍ପର୍କ ରହିଛି। ଦଲାଲ ଏହି ଅପରାଧୀଙ୍କ ମାଧ୍ୟମରେ ଟଙ୍କା ଆଦାୟ କରି ଥାନାରେ ଭୋଜି ଭାଜ, ପୂଜା ଖର୍ଚ୍ଚ କରୁଛନ୍ତି। ଯେଉଁଥି ପାଇଁ ଥାନା ଅଧିକାରୀଙ୍କର ଏହି ଦୁର୍ଦ୍ଦାନ୍ତ ଅପରାଧୀଙ୍କ ପ୍ରତି ପ୍ରେମ ରହୁଛି। ଡିସିପି କରିଥିବା ତାଲିକାରେ ଅନେକ ଦୁର୍ଦ୍ଦାନ୍ତ ଅପରାଧୀଙ୍କ ନାମ ନଥିବା ମଧ୍ୟ କୁହାଯାଉଛି। ଯେଉଁଥି ପାଇଁ ଏହି ଅପରାଧୀମାନେ ଖୁଲଖୁଲା ବୁଲୁଛନ୍ତି।

ଯେଉଁ ଅଭିଯୁକ୍ତଙ୍କ ନାମରେ ୧୦ରୁ ଉର୍ଦ୍ଧ୍ୱ ମାମଲା ରହିଛି, ସେମାନଙ୍କୁ ପୁଲିସ ପୂଜା ପୂର୍ବରୁ ଉଠାଇବା କଥା। କିନ୍ତୁ ତାହା କରାଯାଉନାହିଁ। ସେମାନେ ପୂର୍ଜା ବଜାରକୁ ନଜରରେ ରଖି ଦାଦାବଟି ମାଗୁଛନ୍ତି। ଯଦି କେହି ଦେଉନାହାନ୍ତି ସେମାନଙ୍କୁ ମରଣାନ୍ତକ ଆକ୍ରମଣ କରୁଛନ୍ତି। ଆହୁରି ମଧ୍ୟ ଜାଣିଶୁଣି ଅନ୍ୟାର ଜାଗା ଉପରେ କାମ ବନ୍ଦ କରି ଦେଉଛନ୍ତି। ଜମି ମାଲିକ ତାଙ୍କୁ ପଚାରିଥିଲେ ଟଙ୍କା ନ ଦେଲେ ଏଭଳି ହଇରାଣ କରିବାକୁ ଧମକ ଦେଉଛନ୍ତି। ଏଭଳି ପୂର୍ବରୁ ମଧ୍ୟ ସହିଦନଗର ଥାନା ଅଞ୍ଚଳରେ ଦେଖିବାକୁ ମିଳିଥିଲା। ତେଣୁ ପୁଲିସ ଏହି ଅପରାଧୀଙ୍କୁ ଗିରଫ ନ କରିବାରୁ ସେମାନେ ପୁଣି ଦାଦାବଟି ମାଗିବା ଆରମ୍ଭ କରି ଦେଲେଣି।

ସବୁ ଥାନା ଅଞ୍ଚଳରେ ଥିବା ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ ଉଠାଇବାକୁ ଡିସିପି ନିର୍ଦ୍ଦେଶ ଦେଇଛନ୍ତି, ହେଲେ କେଉଁ କାରଣ ପାଇଁ ସେମାନଙ୍କୁ ଉଠାଯାଉନାହିଁ ବୋଲି ରାଜଧାନୀରେ ଥିବା ଏକାଧିକ ଥାନା ଅଧିକାରୀଙ୍କୁ ପଚରାଯାଇଥିଲା। ହେଲେ ଥାନା ଅଧିକାରୀମାନେ ଅଜବ ଉତ୍ତର ଦେଉଛନ୍ତି। ଆମକୁ ଡିସିପି ଅପରାଧୀଙ୍କ ତାଲିକା ଦେବେ। ସେହି ତାଲିକାରେ ଆମେ ଉଠାଇବୁ ବୋଲି କହିଛନ୍ତି ଥାନା ଅଧିକାରୀ। ଏଥିରୁ ସ୍ପଷ୍ଟ ହେଉଛି ଯେ, ଥାନା ଅଧିକାରୀଙ୍କ ପାଖରେ ଅପରାଧୀଙ୍କ ତାଲିକା ନାହିଁ। ସେମାନେ କେବଳ ନିଜ ଇଚ୍ଛା ଅନୁସାରେ ଅଭିଯୁକ୍ତଙ୍କୁ ଉଠାଉଥିବା ଜଣାପଡ଼ିଛି।

ଦୁର୍ଦ୍ଦାନ୍ତ ଅପରାଧୀମାନଙ୍କୁ ଗିରଫ କରାଯାଉ ନ ଥିବାରୁ ସେମାନଙ୍କର ପୁଲିସକୁ ଭୟ ନାହିଁ। ବସ୍ତିରେ ସେମାନେ ଭାଇଗିରି ଦେଖାଇବା ପାଇଁ ଆତଙ୍କ କରୁଛନ୍ତି। ଜାଣିଶୁଣି ଅନ୍ୟ ଏକ ଗୋଷ୍ଠୀଙ୍କୁ ଆକ୍ରମଣ କରୁଛନ୍ତି। ଯାହାଫଳରେ ବସ୍ତିରେ ମୁଣ୍ଡ ଗଡ଼ୁଛି। ଏଭଳି ଘଟଣା ଦୁଇ ଦିନ ତଳେ ନାରାୟଣୀ ବସ୍ତିରେ ଦେଖିବାକୁ ମିଳିଥିଲା। ତେଣୁ ପୁଲିସ ନିଶା ମାଫିଆ, ଲୋକାଲଗୁଣ୍ଡାଙ୍କୁ ଗିରଫ ନକଲେ ରାଜଧାନୀରେ ଆଗକୁ ଆଇନ୍ ଶୃଙ୍ଖଳା ବିଗିଡ଼ି ଯିବା ବୋଲି ସହରବାସୀ ଆଶଙ୍କା କରିଛନ୍ତି।

**ଉତ୍ପାତ କଲେଣି ନିଶା ମାଫିଆ, ଲୋକାଲ୍ ଗୁଣ୍ଡା**

**ବସ୍ତିରେ ଉତ୍ପାତ କରୁଛନ୍ତି ଲୋକାଲ ଦାଦା**

**ଡିସିପିଙ୍କ ତାଲିକାକୁ ଅପେକ୍ଷା କରିଛନ୍ତି ଥାନା ଅଧିକାରୀ**



### କେଉଁ ଥାନା ଅଞ୍ଚଳରେ କେତେ ପେସାଦାର ଅପରାଧୀ

ମିଳିଥିବା ତଥ୍ୟ ଅନୁସାରେ ରାଜଧାନୀରେ ୧୫୩ରୁ ଉର୍ଦ୍ଧ୍ୱ ଜଣ ପେଶାଦାର ଅପରାଧୀ ଅଛନ୍ତି। ସେମାନଙ୍କ ମଧ୍ୟରୁ ୫୮ ଜଣ ଜେଲ୍ ଭିତରେ ଥିବା ବେଳେ ୯୫ଜଣ ବାହାରେ ପଦାରେ ଥିବା ଜଣାପଡ଼ିଛି। ଖଣ୍ଡଗିରିରେ ସର୍ବାଧିକ ୧୮ଜଣ ଥିବା ବେଳେ ନୂଆପଲ୍ଲୀ ୧୫ ଜଣ। ପାହାଳ ୨ଜଣ, ବାଲିପାଟଣା ୫, ବାଲିଅନ୍ତା ୬ଜଣ, ଇନ୍‌ଫୋସିସି ୩ଜଣ, ତମାଣ୍ଡୋ ୩, ସହିଦନଗର ୧୦ଜଣ ଅଛନ୍ତି। ସେହିପରି ମଞ୍ଚେଶ୍ୱର ୧୩ଜଣ, ଲକ୍ଷ୍ମୀସାଗର ଥାନା ୧୪ ଜଣ, ବଡ଼ଗଡ଼ ୭, କ୍ୟାପିଟାଲ ୧୨ ଜଣ ଅଛନ୍ତି। ଏୟାରପୋର୍ଟ ଥାନା ୩ଜଣ, ଏୟାରଫିଲ୍ଡ ୧୧, ଧଉଳି ୫ଜଣ, ଚନ୍ଦ୍ରଶେଖରପୁର ୯ଜଣ, ଇନ୍‌ଫୋସିଟି ୪ଜଣ, ନନ୍ଦନକାନନ ୩ଜଣ ଏବଂ ଭରତପୁର ଥାନା ଅଞ୍ଚଳରେ ୬ଜଣ ହାର୍ଡକୋର ଅପରାଧୀ ଅଛନ୍ତି।

ସକାଳ
THE SAKALA



**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୭.୫୦ ● ପାଉଣ୍ଡ ୧୧୯.୫୫
- ୟୁରୋ ୧୦୩.୮୯ ● ୟେନ୍ ୦.୫୯

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୦୨,୩୯୦ (ନୂଆଦିଲ୍ଲୀ)
- ରୁପା : ୧,୪୧,୯୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୩,୦୧୩.୦୦
- ନିଫ୍ଟି ୨୫,୪୨୩.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



**ମର୍ସିଡିଜ୍-ବେଞ୍ଜ ହୁରୁନ୍ ଇଣ୍ଡିଆ ୱେଲ୍‌ଥ ରିପୋର୍ଟ ୨୦୨୫**

**ଭାରତରେ ବଢୁଛି କୋଟିପତି ପରିବାର ସଂଖ୍ୟା**

# ଦେଶର ୮.୭୧ ଲକ୍ଷ ପରିବାର କୋଟିପତି

ନୂଆଦିଲ୍ଲୀ,୧୮।୯ (ଏଜେନ୍ସି)




- ସମ୍ପତ୍ତି ସାଢ଼େ ଆଠ କୋଟିରୁ ଅଧିକ
- ୪ ବର୍ଷରେ ସଂଖ୍ୟା ୯୦% ବଢ଼ିଛି
- ମୁମ୍ବାଇରେ ରୁହନ୍ତି ସର୍ବାଧିକ କୋଟିପତି ପରିବାର

ଭାରତରେ ଧନୀ ଲୋକଙ୍କ ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଉଛି। ମର୍ସିଡିଜ୍-ବେଞ୍ଜ ହୁରୁନ୍ ଇଣ୍ଡିଆ ୱେଲ୍ଥ ରିପୋର୍ଟ ୨୦୨୫ ଅନୁଯାୟୀ, ଭାରତ ହେଉଛି ୮.୭୧ ଲକ୍ଷ କୋଟିପତି ପରିବାରଙ୍କ ବାସସ୍ଥଳୀ। ଅର୍ଥାତ୍ ଦେଶର ୮.୭୧ ଲକ୍ଷ ପରିବାର କୋଟିପତି। ତେବେ କୌତୂହଳର ବିଷୟ ହେଉଛି ମାତ୍ର ୪ ବର୍ଷରେ ଦେଶରେ ଏହି କୋଟିପତି ପରବାର ସଂଖ୍ୟାରେ ୯୦% ବୃଦ୍ଧି ଘଟି ୮.୭୧ ଲକ୍ଷରେ ପହଞ୍ଚିଛି।

ଦେଶରେ କୋଟିପତି ପରିବାର (୮.୫ କୋଟିରୁ ଅଧିକ ସମ୍ପତ୍ତି ଥିବା) ସଂଖ୍ୟା ଯଥେଷ୍ଟ ବୃଦ୍ଧି ପାଇଛି। ୨୦୨୧ରେ ଦେଶରେ ଏପରି ପରିବାର ସଂଖ୍ୟା ୪.୫୮ ଲକ୍ଷ ଥିଲା। ଆକଳନ କରାଯାଉଛି ଯେ ୨୦୨୫ ସୁଦ୍ଧା ଏହି ସଂଖ୍ୟା ୯୦% ବୃଦ୍ଧି ପାଇ ୮.୭୧ ଲକ୍ଷ ହୋଇଯିବ ବୋଲି ରିପୋର୍ଟରେ କୁହାଯାଇଛି। ମର୍ସିଡିଜ୍-ବେଞ୍ଜ ହୁରୁନ୍ ଇଣ୍ଡିଆ ଇଣ୍ଡେକ୍ସ (ଏମ୍‌ବିଏଚ୍‌ଏକ୍ସ) ଏବଂ ଲଗ୍‌ଜରୀ କଞ୍ଜ୍ୟୁମର ସର୍ଭେ ୨୦୨୫ ରିପୋର୍ଟରେ କୁହାଯାଇଛି ଯେ କୋଟିପତିଙ୍କ ରାଜଧାନୀ କୁହାଯାଉଥିବା ମୁମ୍ବାଇ ସହରରେ ୧.୪୨ ଲକ୍ଷ ଧନୀ ପରିବାର ବାସ କରନ୍ତି। ଅପରପକ୍ଷେ ରାଜଧାନୀ ନୂଆଦିଲ୍ଲୀ ୬୮,୨୦୦ ପରିବାର ସହିତ ଦ୍ୱିତୀୟ ସ୍ଥାନରେ ଏବଂ ବେଙ୍ଗାଲୁରୁ ୩୧,୬୦୦ ପରିବାର ସହିତ ତାଲିକାର ତୃତୀୟ ସ୍ଥାନରେ ପହଞ୍ଚିଛି। ୧.୭୮ ଲକ୍ଷ କୋଟିପତି ପରିବାର ସହିତ ମହାରାଷ୍ଟ୍ର ରାଜ୍ୟମାନଙ୍କ ମଧ୍ୟରେ ଆଗରେ ରହିଛି। ମହାରାଷ୍ଟ୍ରର ଜିଏସ୍‌ଡିପି ୫୫% ବୃଦ୍ଧି ପାଇଛି।

ଏମ୍‌ବିଏଚ୍‌ଏକ୍ସ ହେଉଛି ଏକ ସୂଚକାଙ୍କ ଯାହାକୁ ମର୍ସିଡିଜ୍-ବେଞ୍ଜର ବିକ୍ରି, ନୂତନ କୋଟିପତିଙ୍କ ସଂଖ୍ୟା, ସେନସେକ୍ସର କାର୍ଯ୍ୟଦକ୍ଷତା ଏବଂ ଜିଡିପିକୁ ମିଶ୍ରଣ କରି ପ୍ରସ୍ତୁତ କରିଛି। ଏହା ଦର୍ଶାଉଛି ଯେ ବିଶ୍ୱ ଅନିଶ୍ଚିତତା ସତ୍ତ୍ୱେ ଭାରତରେ ସମ୍ପତ୍ତି ସୃଷ୍ଟି ତ୍ୱରାନ୍ୱିତ ହେଉଛି।ସର୍ଭେରୁ ଜଣାପଡିଛି ଯେ କୋଟିପତିମାନେ ଡିଜିଟାଲ୍ ପେମେଣ୍ଟକୁ ପସନ୍ଦ କରନ୍ତି (୩୫% ୟୁପିଆଇ ଆପ୍ ବ୍ୟବହାର କରନ୍ତି)। ସେମାନେ ଷ୍ଟକ୍, ରିଅଲ୍ ଇଷ୍ଟେଟ୍ ଏବଂ ସୁନାରେ ନିବେଶ କରିବାକୁ ପସନ୍ଦ କରନ୍ତି। ସେମାନଙ୍କର ପ୍ରିୟ ବ୍ରାଣ୍ଡଗୁଡ଼ିକ ହେଉଛି ରୋଲେକ୍ସ, ତନିଷ୍କ, ଏମିରେଟ୍ସ ଏବଂ ଏଚ୍‌ଡିଏଫ୍‌ସି ବ୍ୟାଙ୍କ। ହୁରୁନ୍ ଇଣ୍ଡିଆର ପ୍ରତିଷ୍ଠାତା ଏବଂ ମୁଖ୍ୟ ଗବେଷକ ଅନସ୍ ରହମାନ ଜୁନୈଦ୍ କହିଛନ୍ତି ଯେ ଭାରତରେ ସମ୍ପତ୍ତି ସୃଷ୍ଟି ପ୍ରକୃତ ଏବଂ ସ୍ଥାୟୀ। ମର୍ସିଡିଜ୍-ବେଞ୍ଜ ଇଣ୍ଡିଆର ଏମ୍‌ଡି ଏବଂ ସିଇଓ ସନ୍ତୋଷ ଆୟର କହିଛନ୍ତି ଯେ ସୂଚକାଙ୍କ ଭାରତର ଧନୀ ଶ୍ରେଣୀର ପସନ୍ଦ ଏବଂ ବିଳାସପୂର୍ଣ୍ଣ ସାମଗ୍ରୀ କ୍ରୟ କରିବାର ସେମାନଙ୍କର ପରିବର୍ତ୍ତନଶୀଳ ଢାଞ୍ଚାକୁ ପ୍ରତିଫଳିତ କରେ।

## ବିକ୍ରି ହୋଇପାରେ ରତନ ଟାଟାଙ୍କ ନ୍ୟୁୟର୍କର 'ପିଏରେ ହୋଟେଲ'



ମୁମ୍ବାଇ ,୧୮।୯(ଏଜେନ୍ସି): ଟାଟାର ତାଜ୍ ହୋଟେଲ ଚେନ ଆମେରିକା ନ୍ୟୁୟର୍କରେ ଥିବା 'ଦି ପିଏରେ ହୋଟେଲ'କୁ ବିକ୍ରି କରିପାରେ। ଏହି ଡିଲ ପାଖାପାଖି ୨ ବିଲିୟନ ଡଲାର ଅର୍ଥାତ୍ ୧୭,୬୨୮ କୋଟି ଟଙ୍କାରେ ହୋଇପାରେ। ହୋଟେଲକୁ କିଣିବା ପାଇଁ କ୍ରେତା ରୂପେ ବ୍ରୁନେଇ ସୁଲତାନ ହସନଲ ବଲକିୟା ଓ ସାଉଦୀ ଆରବ ବ୍ୟବସାୟୀ ଏସ୍ସମ ଖସୋଗୀଙ୍କ ନାମ ସାମ୍ନାକୁ ଆସୁଛି। ଯଦି ଏହି କାରବାର ଚୂଡ଼ାନ୍ତ ହୁଏ ତେବେ ପାଖାପାଖି ୨୦ ବର୍ଷ ପରେ ତାଜ୍ ଏହି ପ୍ରତିଷ୍ଠିତ ହୋଟେଲର ପରିଚାଳନା ଛାଡିବ। ଏହାପରେ ଆମେରିକାରେ ତାଜର କେବଳ ଗୋଟିଏ ହୋଟେଲ ସାନ୍‌ଫ୍ରାନସିସ୍କୋ ସ୍ଥିତ ତାଜ୍ କେମ୍ପଟନ ପ୍ଲେସ୍ ରହିବ। ଏହି ଡିଲ ନେଇ ତାଜ ହୋଟେଲ ଏ ପର୍ଯ୍ୟନ୍ତ କୌଣସି ଅଧିକାରୀକ ଟିପ୍ପଣୀ କରିନାହିଁ। ନ୍ୟୁୟର୍କ ଟାଇମ୍ସ ରିପୋର୍ଟ ଅନୁସାରେ ଦି ପିଏରେ ହୋଟେଲ ବୋର୍ଡ ବିକ୍ରି ଲାଗି କଥାବାର୍ତ୍ତାର ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଯଦି ଏହି କାରବାର ପକ୍କା ହୋଇଯାଏ ତେବେ ହୋଟେଲର ମ୍ୟାନେଜମେଣ୍ଟ ବଲକିୟାଙ୍କ ଲଗଜରୀ ଚେନ୍ ଡୋର୍ଚେଷ୍ଟର କେଲକ୍ସନକୁ ମିଳିପାରେ। ଏଥି ପାଇଁ ଏସ୍ସମ ଖସୋଗୀ ଫଣ୍ଡିଂ କରିବେ। ତାଜ ୨୦୦୫ରେ ଦି ପିୟରେ ହୋଟେଲକୁ କିଣିଥିଲା ଓ ଉତ୍ତର ଆମେରିକାରେ ଏହାକୁ ନିଜର ଖାସ ହୋଟେଲରେ ପରିଣତ କରିଥିଲା। ୨୦୦୯ରେ ୧୦୦ ମିଲିୟନ ଡଲାର ରେ ହୋଟେଲର ନବିକରଣ କରାଯାଇଥିଲା। ହୋଟେଲରେ ୧୮୯ଟି କୋଠରୀ ଥିବା ବେଳେ ରେସ୍ତୋରାଁ ଓ ଲଗଜରୀ ଆପାର୍ଟମେଣ୍ଟ ରହିଛି। ହୋଟେଲରେ ରହୁଥିବା ଆପାର୍ଟମେଣ୍ଟ ମାଲିକ ମଧ୍ୟ ଏହାର ସେୟାରଧାରୀ ଅଛନ୍ତି।

**କ୍ଷୁଦ୍ର ସନ୍ଧି ମରାମତି**

## କେୟାର ହସ୍ପିଟାଲ୍ ପକ୍ଷରୁ ନାନୋ ସ୍କୋପ୍ ସିଷ୍ଟମ୍ ପ୍ରଚଳନ

ଭୁବନେଶ୍ୱର, ୧୮।୯ (ସମିସ)




କେୟାର ହସ୍ପିଟାଲ୍ସ, ଭୁବନେଶ୍ୱର ପୂର୍ବ ଭାରତର ପ୍ରଥମ କ୍ଷୁଦ୍ର ସନ୍ଧି ମରାମତି ପାଇଁ ସମର୍ପିତ ନାନୋ ସ୍କୋପ୍ ସିଷ୍ଟମ୍ ପ୍ରଚଳନ ସହିତ ଉନ୍ନତ ଅସ୍ଥିଶଲ୍ୟ ଚିକିତ୍ସାରେ ଏକ ନୂତନ ମାନଦଣ୍ଡ ସ୍ଥାପନ କରିଛି। ଏହି ସଫଳତା ଡକ୍ଟର ସନ୍ଦୀପ ସିଂହ, ଅସ୍ଥିଶଲ୍ୟ ଏବଂ ମୁଖ୍ୟ ପରାମର୍ଶଦାତା - ରୋବୋଟିକ୍ ସର୍ଜରୀ ଏବଂ ସ୍ପୋର୍ଟସ୍ ଆଘାତ, ଉନ୍ନତ ଅସ୍ଥିଶଲ୍ୟ ଅସ୍ତ୍ରୋପଚାରରେ ଅଗ୍ରଣୀଙ୍କ ନେତୃତ୍ୱରେ ହାସଲ କରାଯାଇଛି। ଏହି ଅତ୍ୟାଧୁନିକ ସିଷ୍ଟମର ଶୁଭାରମ୍ଭ ସହିତ, କେୟାର ହସ୍ପିଟାଲ୍ସ ଚିକିତ୍ସା ନବସୃଜନରେ ନେତୃତ୍ୱ ନେଇ ଚାଲିଛି, ଜଟିଳ ଅସ୍ତ୍ରୋପଚାରକୁ ଅତ୍ୟଧିକ ସଠିକ୍, ସର୍ବନିମ୍ନ ଆକ୍ରମଣାତ୍ମକ ପ୍ରକ୍ରିୟାରେ ପରିଣତ କରୁଛି ଯାହା ରୋଗୀଙ୍କ ଫଳାଫଳକୁ ଉଲ୍ଲେଖନୀୟ ଭାବରେ ଉନ୍ନତ କରୁଛି। ବିଶ୍ୱସ୍ତରୀୟ ଚିକିତ୍ସା ପ୍ରଯୁକ୍ତିବିଦ୍ୟା ନେତା ଆର୍ଥରେକ୍ସ ଦ୍ୱାରା ବିକଶିତ ନାନୋ ଭିଜନ୍ ପ୍ରଯୁକ୍ତିବିଦ୍ୟା ଭିଜୁଆଲାଇଜେସନ୍‌ରେ ଏକ ପାରାଡାଇମ୍ ପରିବର୍ତ୍ତନକୁ ପ୍ରତିନିଧିତ୍ୱ କରେ। ଏହା ଅତ୍ୟଧିକ-ଉଚ୍ଚ-ରିଜୋଲ୍ୟୁସନ୍ ଇମେଜିଂ, ନାନୋ-ସ୍କେଲ ଅପ୍ଟିକ୍ସ ଏବଂ ଉଚ୍ଚ ଗତିଶୀଳ ରେଞ୍ଜ ପ୍ରଯୁକ୍ତିବିଦ୍ୟାକୁ ମିଶ୍ରଣ କରେ, ଯାହା ସର୍ଜନମାନଙ୍କୁ ଅତୁଳନୀୟ ସ୍ୱଷ୍ଟତା, ବିପରୀତତା ଏବଂ ରଙ୍ଗ ବିଶ୍ୱସ୍ତତା ପ୍ରଦାନ କରେ। ଏହି ଉନ୍ନତି ମାଇକ୍ରୋସ୍କୋପ୍ ଆନାଟୋମିକ୍ ଢାଞ୍ଚାକୁ ବାସ୍ତବ ସମୟରେ ଦୃଶ୍ୟମାନ କରିବାକୁ ଅନୁମତି ଦିଏ, ବହୁ ଛେଦନର ଆବଶ୍ୟକତାକୁ ହ୍ରାସ କରେ, ଟିସୁ ଆଘାତକୁ ହ୍ରାସ କରେ, ଏବଂ ସଂକ୍ରମଣ ଏବଂ ଜଟିଳତାର କମ୍ ବିପଦ ସହିତ ଶୀଘ୍ର ଆରୋଗ୍ୟ ସୁନିଶ୍ଚିତ କରେ।

## ହିଣ୍ଡେନ୍‌ବର୍ଗ ମାମଲା; ଆଦାନୀ ଗ୍ରୁପକୁ କ୍ଲିନ୍ ଚିଟ୍

ନୂଆଦିଲ୍ଲୀ,୧୮।୯ (ଏଜେନ୍ସି)




**ହେରଫେର ଅଭିଯୋଗକୁ ସେବିର ଖାରଜ**

ଗୌତମ ଆଦାନୀଙ୍କ ନେତୃତ୍ୱାଧିନ ଆଦାନୀ ଗ୍ରୁପକୁ ମିଳିଛି ବଡ଼ ଆଶ୍ୱସ୍ତି। କାରଣ ହିଣ୍ଡେନବର୍ଗ ରିସର୍ଚ୍ଚ ମାମଲାରେ ଆଦାନୀ ଗ୍ରୁପକୁ ମିଳିଛି କ୍ଲିନ୍ ଚିଟ୍। ହିଣ୍ଡେନବର୍ଗ ରିସର୍ଚ୍ଚ ପକ୍ଷରୁ ଆଦାନୀ ଗ୍ରୁପ୍ ବିରୋଧରେ ହୋଇଥିବା ଅଭିଯୋଗକୁ ଆଜି ଭାରତୀୟ ପ୍ରତିଭୂତି ବିନିମୟ ବୋର୍ଡ(ସେବି) ଖାରଜ କରିଦେଇଛି।

ଆମେରିକୀୟ ସର୍ଟ-ସେଲର ହିଣ୍ଡେନବର୍ଗ ରିସର୍ଚ୍ଚ ଗୌତମ ଆଦାନୀ ଏବଂ ତାଙ୍କ କମ୍ପାନୀଗୁଡ଼ିକ (ଯେପରିକି ଆଦାନୀ ପୋର୍ଟସ୍ ଏବଂ ଆଦାନୀ ପାୱାର) ଷ୍ଟକ୍ ବଜାରରେ ହେରଫେର କରିଥିବା ନେଇ ଅଭିଯୋଗ କରିଥିଲେ। ୨୦୨୩ ଜାନୁଆରୀ ୨୪ ରେ ହିଣ୍ଡେନବର୍ଗ ରିସର୍ଚ୍ଚ ଏକ ରିପୋର୍ଟ ପ୍ରକାଶ କରି ଆଦାନୀ ଗ୍ରୁପ୍ ବିରୁଦ୍ଧରେ ମନି ଲଣ୍ଡରିଂଠାରୁ ଆରମ୍ଭ କରି ଷ୍ଟକ୍ ହେରଫେର ପର୍ଯ୍ୟନ୍ତ ବିଭିନ୍ନ ଅଭିଯୋଗ ଆଣିଥିଲା। ଫଳସ୍ୱରୂପ, ଜାନୁଆରୀ ୨୫ ସୁଦ୍ଧା ଗ୍ରୁପ୍ ସେୟାରର ବଜାର ମୂଲ୍ୟ ପ୍ରାୟ ୧୨ ବିଲିୟନ ଡଲାର ( ୧ ଲକ୍ଷ କୋଟି) ଟଙ୍କା ହ୍ରାସ ପାଇଥିଲା।

ହିଣ୍ଡେନବର୍ଗ ଆଦାନୀ ଉପରେ ଷ୍ଟକ୍ ହେରଫେର, ପାଣ୍ଠିର ଅପବ୍ୟବହାର, ସମ୍ବନ୍ଧିତ ପକ୍ଷ କାରବାର ଲୁଚାଇବା ଏବଂ ଠକେଇ କାରବାରର ଅଭିଯୋଗ ଆଣିଥିଲା। ହେଲେ ତଦନ୍ତରେ ଏହି ଅଭିଯୋଗଗୁଡ଼ିକ ପ୍ରମାଣିତ ହୋଇ ନ ଥିଲା। ଆଦାନୀ ଗ୍ରୁପର କମ୍ପାନୀଗୁଡ଼ିକ ସହିତ ଜଡିତ କାରବାର ସେବି ନିୟମ, ତାଲିକାଭୁକ୍ତ ନିୟମ କିମ୍ବା ଏଲ୍‌ଓଡିଆର୍ ନିୟମ ଉଲ୍ଲଂଘନ କରିନାହିଁ। ଏକ ପୁଙ୍ଖାନୁପୁଙ୍ଖ ତଦନ୍ତ, ଶୁଣାଣି ଏବଂ ପ୍ରମାଣ ଆଧାରରେ, ସେବି ଜାଣିପାରିଲା ଯେ କୌଣସି ଠକେଇ, ଷ୍ଟକ୍ ହେରଫେର କିମ୍ବା ଭିତର ବାଣିଜ୍ୟ ହୋଇନାହିଁ। ସମସ୍ତ କାରବାର ବୈଧ ଏବଂ ସ୍ୱଚ୍ଛ ଥିଲା। ଯେହେତୁ କୌଣସି ଭୁଲ ପ୍ରମାଣିତ ହୋଇନାହିଁ, ତେଣୁ ଆଦାନୀ ଗ୍ରୁପ୍, ଗୌତମ ଆଦାନୀ, ରାଜେଶ ଆଦାନୀ କିମ୍ବା ସେମାନଙ୍କ କମ୍ପାନୀଗୁଡ଼ିକ ଉପରେ କୌଣସି ଜରିମାନା କିମ୍ବା ଦଣ୍ଡ ଲାଗୁ କରାଯାଇନାହିଁ। ପୂର୍ବରୁ ଆଦାନୀ କୌଣସି ଭୁଲ ଅଭିଯୋଗକୁ ଅସ୍ୱୀକାର କରିଥିଲେ। ତଥାପି, ସୁପ୍ରିମକୋର୍ଟ ଏହି ମାମଲାର ତଦନ୍ତ ପାଇଁ ଏକ ୬ ସଦସ୍ୟ ବିଶିଷ୍ଟ କମିଟି ଗଠନ କରିଥିଲେ ଏବଂ ସେବି ମଧ୍ୟ ଏହି ଘଟଣାର ତଦନ୍ତ କରିଥିଲା। ଏହି ମାମଲାରେ ଆଦାନୀଙ୍କୁ ପୂର୍ବରୁ ଦୋଷମୁକ୍ତ କରାଯାଇଛି। ରାୟ ପରେ ଗୌତମ ଆଦାନୀ କହିଛନ୍ତି, କୋର୍ଟର ନିଷ୍ପତ୍ତି ଦର୍ଶାଉଛି ଯେ ସତ୍ୟର ଜୟ ହୋଇଛି। ସତ୍ୟମେବ ଜୟତେ। ଯେଉଁମାନେ ଆମ ସହିତ ଠିଆ ହୋଇଥିଲେ ସେମାନଙ୍କ ପ୍ରତି ମୁଁ କୃତଜ୍ଞ।

## ସଂଶୋଧିତ ମୂଲ୍ୟ ସହିତ ପୁରୁଣା ପ୍ୟାକେଜିଂ ୨୦୨୬ ମାର୍ଚ୍ଚ ପର୍ଯ୍ୟନ୍ତ ବ୍ୟବହାର ହେବ

**ଉପଭୋକ୍ତା ବ୍ୟାପାର ମନ୍ତ୍ରଣାଳୟର ପରାମର୍ଶ**

ନୂଆଦିଲ୍ଲୀ,୧୮।୯(ଏଜେନ୍ସି): କେନ୍ଦ୍ର ଉପଭୋକ୍ତା ବ୍ୟାପାର, ଖାଦ୍ୟ ଏବଂ ସାଧାରଣ ବଣ୍ଟନ ମନ୍ତ୍ରଣାଳୟର ଗ୍ରାହକ ବ୍ୟାପାର ବିଭାଗ ସେପ୍ଟେମ୍ବର ୨୨ରୁ ଲାଗୁ ହେଉଥିବା ଜିଏସଟି ହାର ସଂଶୋଧନକୁ ଦୃଷ୍ଟିରେ ରଖି ଏକ ସଂଶୋଧିତ ପରାମର୍ଶ ଜାରି କରିଛି। ଆଇନଗତ ମାପ ନିୟମ, ୨୦୧୧ର ନିୟମ ୩୩ ଅନୁଯାୟୀ, କେନ୍ଦ୍ର ସରକାର ଶିଳ୍ପ ଉପରେ ଅନୁପାଳନ ବୋଝ ହ୍ରାସ କରିବା ଏବଂ କମ ଜିଏସଟିର ଲାଭ ଗ୍ରାହକଙ୍କ ପାଖରେ ପହଞ୍ଚାଇବା ନିଶ୍ଚିତ କରିବା ପାଇଁ ନିର୍ଦ୍ଦେଶାବଳୀକୁ କୋହଳ କରିଛନ୍ତି। ପରାମର୍ଶ ଅନୁଯାୟୀ, ଯଦି ପ୍ୟାକେଜରେ ମୁଦ୍ରିତ ମୂଳ ଏମଆରପି ଅସ୍ପଷ୍ଟ ନଥାଏ ନିର୍ମାତା, ପ୍ୟାକର୍ ଏବଂ ଆମଦାନିକାରୀମାନେ ସେପ୍ଟେମ୍ବର ୨୨ ପୂର୍ବରୁ ନିର୍ମିତ ଓ ବିକ୍ରି ହୋଇ ନ ଥିବା ପ୍ୟାକେଜଗୁଡ଼ିକରେ ସ୍ୱେଚ୍ଛାକୃତ ଭାବରେ ସଂଶୋଧିତ ମୂଲ୍ୟ ଷ୍ଟିକର ଲଗାଇପାରିବେ। ଏହା ସ୍ପଷ୍ଟ କରାଯାଇଛି ଯେ ନିୟମଗୁଡ଼ିକ ଏପରି ପୁନଃ-ଷ୍ଟିକରିଂକୁ ବାଧ୍ୟତାମୂଳକ କରେ ନାହିଁ ଏବଂ ସଂଶୋଧିତ ମୂଲ୍ୟ ଘୋଷଣା କରିବାକୁ ଚାହୁଁଥିବା କମ୍ପାନୀଗୁଡ଼ିକ ପାଇଁ ଏହା ସମ୍ପୂର୍ଣ୍ଣ ଇଚ୍ଛାଧୀନ। ଏହା ବ୍ୟତୀତ, ନିୟମ ୧୮(୩) ଅନୁଯାୟୀ ଦୁଇଟି ଖବରକାଗଜରେ ସଂଶୋଧିତ ଏମଆରପି ପ୍ରକାଶ କରିବାର ଆବଶ୍ୟକତାକୁ ଉଚ୍ଛେଦ କରାଯାଇଛି। ଏହା ବଦଳରେ, ନିର୍ମାତା ଏବଂ ଆମଦାନିକାରୀମାନଙ୍କୁ ଏବେ କେବଳ ପାଇକାରୀ ଏବଂ ଖୁଚୁରା ବ୍ୟବସାୟୀଙ୍କୁ ସଂଶୋଧିତ ମୂଲ୍ୟ ତାଲିକା ପ୍ରଦାନ କରିବାକୁ ପଡିବ।

## ବେଦାନ୍ତ ଆଲୁମିନିୟମର ପ୍ରୋଜେକ୍ଟ ବିଦ୍ୟା ଗୁଣାତ୍ମକ ଶିକ୍ଷାକୁ ଆଗକୁ ବଢାଉଛି

ଭୁବନେଶ୍ୱର,୧୮।୯(ସମିସ):




ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ଝାରସୁଗୁଡା ଜିଲ୍ଲାର କୁରାଲୋଇ ଅଞ୍ଚଳର ୧୦ଟି ସରକାରୀ ସ୍କୁଲର ୧୦ ଜଣ ଅତିରିକ୍ତ ଶିକ୍ଷକଙ୍କୁ ନିଯୁକ୍ତ କରି ପ୍ରୋଜେକ୍ଟ ବିଦ୍ୟା ମାଧ୍ୟମରେ ଗୁଣାତ୍ମକ ଶିକ୍ଷାକୁ ଆଗକୁ ବଢାଇବା ପାଇଁ ଏହାର ପ୍ରତିବଦ୍ଧତାକୁ ସୁଦୃଢ଼ କରିଛି। ଏହି ପଦକ୍ଷେପ ଛାତ୍ର-ଶିକ୍ଷକ ଅନୁପାତକୁ ଉନ୍ନତ କରିବା ସହ ଗଣିତ, ବିଜ୍ଞାନ ଏବଂ ଇଂରାଜୀ ଭଳି ପ୍ରମୁଖ ବିଷୟଗୁଡ଼ିକରେ ଶିକ୍ଷଣ ଫଳାଫଳକୁ ସୁଦୃଢ଼ କରିବ, ଯାହା ୧୦୦୦ରୁ ଅଧିକ ଛାତ୍ରଛାତ୍ରୀଙ୍କୁ ଲାଭ ପହଞ୍ଚାଇବ। ଖୈରକୁନି ହାଇସ୍କୁଲରେ ଅନୁଷ୍ଠିତ ଏକ ଆନୁଷ୍ଠାନିକ କାର୍ଯ୍ୟକ୍ରମରେ, ନୂତନ ଭାବରେ ନିଯୁକ୍ତ ଶିକ୍ଷକମାନଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କୁରାଲୋଇର ସରପଞ୍ଚ ସନାତନ ନାଏକ , ଏଜେକେଏ ପ୍ରତିନିଧି, ସମ୍ପ୍ରଦାୟନେତା, ହିତାଧିକାରୀ ସ୍କୁଲର ପ୍ରଧାନ ଶିକ୍ଷକ ଏବଂ ସ୍କୁଲ ପରିଚାଳନା କମିଟିର ସଦସ୍ୟମାନେ ଯୋଗ ଦେଇଥିଲେ। ଏପ୍ରିଲ୍ ୨୦୨୫ରେ ଘୋଘରପାଲି ଏବଂ ଯାମକାନିର ୨୦ଟି ସ୍କୁଲରେ ୨୨ ଜଣ ଅତିରିକ୍ତ ଶିକ୍ଷକଙ୍କୁ ନିଯୁକ୍ତି ଦେବା ପରେ ଏହି କାର୍ଯ୍ୟକ୍ରମ ଏବେ କୁରାଲୋଇ ଅଞ୍ଚଳର ଛାତ୍ରଛାତ୍ରୀଙ୍କ ପାଇଁ ଶିକ୍ଷା ସୁଯୋଗକୁ ଆହୁରି ବୃଦ୍ଧି କରିବା ପାଇଁ ବିସ୍ତାରିତ ହେଉଛି। ଏହି ପଦକ୍ଷେପ ପ୍ରାଥମିକ, ଉଚ୍ଚ ପ୍ରାଥମିକ, ଆଶ୍ରମ ଏବଂ ଉଚ୍ଚ ବିଦ୍ୟାଳୟ ସମେତ ପିପିମାଲ, କୁରାଲୋଇ ଏବଂ ବଞ୍ଜାରୀ ପଞ୍ଚାୟତର ସ୍କୁଲଗୁଡ଼ିରେ ପହଞ୍ଚିବ। ଏହି ସମ୍ପ୍ରସାରଣ ସହିତ ବେଦାନ୍ତ, ଶିକ୍ଷାର ଭିତ୍ତିଭୂମିକୁ ସୁଦୃଢ଼ କରିବା ସହ ଝାରସୁଗୁଡାର ଅଧିକ ପିଲାଙ୍କୁ ଏକ ଉନ୍ନତ ଶିକ୍ଷାଗତ ସୁଯୋଗ ଦେବା ପାଇଁ ଲକ୍ଷ୍ୟ ରଖିଛି।

## ଫ୍ଲାଟ୍ ୩୫% ରିଆତି ସହ କ୍ରୋମାର ଦୁର୍ଗାପୂଜା ପାଳନ

ନୂଆଦିଲ୍ଲୀ,୧୮।୯: ଦୁର୍ଗାପୂଜା ଉତ୍ସାହରେ ସାମିଲ ହୋଇ ଦେଶର ଅଗ୍ରଣୀ ଓମନିଚ୍ୟାନେଲ ଇଲେକ୍ଟ୍ରୋନିକ୍ସ ରିଟେଲର କ୍ରୋମା ପକ୍ଷରୁ ଏହାର ବହୁ ପ୍ରତିକ୍ଷୀତ ଫେଷ୍ଟିଭାଲ୍ ଅଫ୍ ଡ୍ରିମ୍‌ସ ଅଭିଯାନ ଘୋଷଣା କରାଯାଇଛି, ଯେଉଁଥିରେ ଇଲେକ୍ଟ୍ରୋନିକ୍ସ ଓ ହୋମ୍ ଆପ୍ଲାଏନ୍‌ସେସ୍ ଉପରେ ଆକର୍ଷଣୀୟ ଅଫର ଉନ୍ମୋଚନ କରାଯାଇଛି। ସେପ୍ଟେମ୍ବର ୧୨ରୁ ୨୨ ପର୍ଯ୍ୟନ୍ତ ଚାଲୁଥିବା ଏହି ଉତ୍ସବ ଅଫର ପଶ୍ଚିମବଙ୍ଗ, ଓଡ଼ିଶା, ଆସାମ, ମେଘାଳୟ ଓ ଝାଡ଼ଖଣ୍ଡରେ ଥିବା କ୍ରୋମା ଷ୍ଟୋର୍‌ରେ ଉପଲବ୍ଧ ହୋଇଛି, ଯେଉଁଠାରେ ଗ୍ରାହକମାନେ ଏହି ପୂଜା ଋତୁରେ ନିଜ ଘର ଓ ଡିଭାଇସ୍‌କୁ ଅପ୍‌ଗ୍ରେଡ୍ କରିବାର ଉପଯୁକ୍ତ ସୁଯୋଗ ପାଇବେ। ଏହି ଅଫରରେ ୩୦,୦୦୦ ଟଙ୍କା ପର୍ଯ୍ୟନ୍ତର କ୍ୟାସ୍‌ବ୍ୟାକ୍ ଏବଂ ପ୍ରମୁଖ ବର୍ଗଗୁଡ଼ିକ ଉପରେ ଆକର୍ଷଣୀୟ ରିଆତି ରହିଛି ଯାହା ପ୍ରତି ପରିବାର ପାଇଁ ସପିଂକୁ ଅଧିକ ସୁଲଭ ଓ ସହଜ କରିଛି। ଜିଏସଟି ଆଶ୍ୱସ୍ତି ପାଇଁ ଟିଭି ଓ ଏସି ଉପରେ ଗ୍ରାହକମାନଙ୍କୁ ଅତିରିକ୍ତ ୧୦% ରିହାତି ପ୍ରଦାନ କରାଯାଉଛି। କ୍ରୋମା ପକ୍ଷରୁ ଟେଲିଭିଜନ, ଏୟାର କଣ୍ଡିସନର ଓ ଛୋଟ ହୋମ ଓ କିଚେନ୍ ଆପ୍ଲାଏନ୍‌ସେସ୍ ଉପରେ ଫ୍ଲାଟ୍ ୩୫%, ସ୍ମାର୍ଟଫୋନ୍ ଉପରେ ଫ୍ଲାଟ୍ ୧୫%, ରେଫ୍ରିଜରେଟର ଉପରେ ଫ୍ଲାଟ୍ ୨୫%, ୱାସିଂ ମେସିନ୍ ଓ ହୋମ୍ ଅଡିଓ ଉପରେ ଫ୍ଲାଟ୍ ୩୦ ପ୍ରତିଶତ, ଲାପଟପ ଉପରେ ଫ୍ଲାଟ୍ ୨୦ ପ୍ରତିଶତ ଓ ଇୟରଫୋନ୍ ଓ ହେଡଫୋନ୍ ଉପରେ ଫ୍ଲାଟ୍ ୪୫ ପ୍ରତିଶତ ରିହାତି ପ୍ରଦାନ କରାଯାଉଛି।

## କ୍ୟୁସିଏଫ୍‌ଆଇ ୭ମ ଚାପ୍ଟର କନ୍‌ଭେନ୍‌ସନ୍‌ରେ ଟିପିସିଓଡିଏଲ୍ ଜିତିଲା ୧୫ ପୁରସ୍କାର



ଭୁବନେଶ୍ୱର,୧୮।୯ (ସମିସ): ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିସିଓଡିଏଲ) କ୍ୟୁସିଏଫ୍‌ଆଇ ଭୁବନେଶ୍ୱର ଚାପ୍ଟର ପକ୍ଷରୁ ଆୟୋଜିତ କ୍ୱାଲିଟି କନ୍‌ସେପ୍ଟ ୨୦୨୫ ରେ ୧୫ଟି ପୁରସ୍କାର ଜିତିଛି। କ୍ୱାଲିଟି ସର୍କଲ୍ ଓ କାଇଜେନ୍‌ର ୧୫ ପ୍ରକଳ୍ପ ମଧ୍ୟରୁ ୧୪ଟି ଟିମ୍ ସ୍ୱର୍ଣ୍ଣ ଏବଂ ଗୋଟିଏ ଟିମ୍ ରୌପ୍ୟ ପଦକ ହାସଲ କରିଛି। ଏନଟିପିସି, ଓଡ଼ିଶା ଖଣି ନିଗମ, ଜିନ୍ଦଲ ଷ୍ଟେନଲେସ୍, ନାଲ୍‌କୋ, ବାଲ୍‌କୋ, ଟାଟା ପାୱାର, ବେଦାନ୍ତ ଭଳି ଅଗ୍ରଣୀ କମ୍ପାନିର ୨୧୦ରୁ ଅଧିକ ଟିମ୍ ସହ ଟିପିସିଓଡିଏଲ୍‌ର ଟିମ୍ ପ୍ରତିଦ୍ୱନ୍ଦ୍ୱିତା କରିଥିଲା। ଏହି ସଫଳତା ଗୁଣାତ୍ମକ ମାନ, ନବସୃଜନ ଓ ନିରନ୍ତର ଉନ୍ନତି ପ୍ରତି ଟିପିସିଓଡିଏଲ୍‌ର ଅତୁଟ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ସ୍ୱର୍ଣ୍ଣ ବିଜୟୀ ଟିମ୍ ଆସନ୍ତା ଡିସେମ୍ବରରେ ଅନୁଷ୍ଠିତ ହେବାକୁ ଥିବା କ୍ୱାଲିଟି କନ୍‌ସେପ୍ଟର ଜାତୀୟ କନ୍‌ଭେନ୍‌ସନ୍ ପାଇଁ ଯୋଗ୍ୟତା ହାସଲ କରିଛନ୍ତି।

**ପୁଣି ଝଟ୍‌କା ଦେଲା ଆମେରିକା**

# ଚାବାହାର ବନ୍ଦର ବ୍ୟବହାର କରିପାରିବନି ଭାରତ

ୱାଶିଂଟନ,୧୮।୯ (ଏଜେନ୍ସି)



**ଇରାନୀ ବନ୍ଦର ଉପରେ ପୁଣି ଲାଗିଲା କଟକଣା**

ଟାରିଫ୍ ପରେ ଆମେରିକା ଭାରତକୁ ଆଉ ଏକ ବଡ଼ ଝଟ୍‌କା ଦେଇଛି। ଏହି ଝଟ୍‌କା ଇରାନର ଚାବାହାର ବନ୍ଦର ଜରିଆରେ ଭାରତକୁ ଲାଗିଛି। କାରଣ ଆମେରିକା ଚାବାହାର ବନ୍ଦର ଉପରେ ଛାଡ଼ କରିଥିବା ପ୍ରତିବନ୍ଧକ ଏବେ ପ୍ରତ୍ୟାହାର କରିନେଇ ନୂଆ କଟକଣା ଲାଗୁ କରିଛି। ଫଳସ୍ୱରୂପ, ଚାବାହାର ବନ୍ଦର ପରିଚାଳନା କରୁଥିବା ଯେ କୌଣସି ବ୍ୟକ୍ତି କିମ୍ବା କମ୍ପାନୀ ଆମେରିକାର ପ୍ରତିବନ୍ଧକ ଅଧୀନରେ ରହିବେ। ଏହାକୁ ଭାରତ ପାଇଁ ଏକ ବଡ଼ ଧକ୍କା ବୋଲି କୁହାଯାଉଛି। ଭାରତ ଚାବାହାର ବନ୍ଦର ବିକାଶରେ କୋଟି କୋଟି ଟଙ୍କା ନିବେଶ କରିଛି। ଆମେରିକାର ପ୍ରତିବନ୍ଧକ କେବଳ ନିବେଶ ବୁଡ଼ିବାର ଆଶଙ୍କା ସୃଷ୍ଟି କରେ ନାହିଁ ବରଂ ଭାରତର ରଣନୈତିକ ପ୍ରସ୍ତୁତିକୁ ମଧ୍ୟ ବାଧା ଦେଇଛି। ପୂର୍ବରୁ, ଆମେରିକା ୫୦% ଶୁଳ୍କ ଲଗାଇ ଭାରତକୁ ଆର୍ଥିକ କ୍ଷତି ପହଞ୍ଚାଇସାରିଛି।

ଆମେରିକା ୨୦୧୮ର ପ୍ରତିବନ୍ଧକ ଛାଡ଼କୁ ପ୍ରତ୍ୟାହାର କରିନେଇଛି, ଯାହା ଇରାନର ଚାବାହାର ବନ୍ଦରର ବିକାଶକୁ ଅନୁମତି ଦେଇଥିଲା। ଚଳିତମାସ ୨୯ରୁ ଆମେରିକାର ଟ୍ରେଜେରୀ ବିଭାଗ ଚାବାହାର ବନ୍ଦର ପରିଚାଳନା କରୁଥିବା ବ୍ୟକ୍ତିବିଶେଷଙ୍କ ଉପରେ ଏହି ପ୍ରତିବନ୍ଧକ ଲାଗୁ କରିବ। ଏ ସମ୍ପର୍କରେ ଆମେରିକାର ବିଦେଶ ବିଭାଗ ଏକ ବିବୃତ୍ତି ଜାରି କରି କହିଛି ଯେ, ଇରାନ ଶାସନକୁ ଅଲଗା କରିବା ପାଇଁ ରାଷ୍ଟ୍ରପତି ଟ୍ରମ୍ପଙ୍କ ସର୍ବାଧିକ ଚାପ ନୀତି ସହିତ ସଙ୍ଗତ। ଏହି କଟକଣା କାର୍ଯ୍ୟକାରୀ ହେବା ପରେ, ଚାବାହାର ବନ୍ଦର ପରିଚାଳନା କରୁଥିବା କିମ୍ବା ଆଇଏଫ୍‌ସିଏ ରେ ବର୍ଣ୍ଣିତ ଅନ୍ୟ କାର୍ଯ୍ୟକଳାପରେ ନିୟୋଜିତ ଥିବା ବ୍ୟକ୍ତିବିଶେଷ ଆଇଏଫ୍‌ସିଏ ଅଧୀନରେ କଟକଣାର ଅଧୀନ ହୋଇପାରନ୍ତି। ଏହା ଭାରତ, ଇରାନ, ଆଫଗାନିସ୍ତାନ ଏବଂ ମଧ୍ୟ ଏସୀୟ ଦେଶଗୁଡ଼ିକ ମଧ୍ୟରେ ବାଣିଜ୍ୟ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରବେଶ ପଥ ଭାବରେ କାର୍ଯ୍ୟ କରେ। ଭାରତ ଏହି ବନ୍ଦରକୁ ଅନ୍ତର୍ଜାତୀୟ ଉତ୍ତର-ଦକ୍ଷିଣ ପରିବହନ କରିଡରର ଅଂଶ ଭାବରେ ବିକଶିତ କରୁଛି। ଏହା ମଧ୍ୟ ଏସିଆ ଦେଇ ରୁଷ ଏବଂ ୟୁରୋପକୁ ସଂଯୋଗ କରୁଥିବା ଏକ ପରିବହନ ପ୍ରକଳ୍ପ। ଚାବାହାର ବନ୍ଦର ପାକିସ୍ତାନର ଗ୍ୱାଦର ବନ୍ଦର ନିକଟରେ ଅବସ୍ଥିତ, ଯାହା ଏହାକୁ ଭାରତ ପାଇଁ ରଣନୈତିକ ଭାବରେ ଗୁରୁତ୍ୱପୂର୍ଣ୍ଣ କରିଥାଏ।

ଚାବାହାର ବନ୍ଦରକୁ ପରିଚାଳନା କରିବାର ଅଧିକାର ଭାରତର ଅଛି, ଏବଂ ଏହାର କାର୍ଯ୍ୟ ଇଣ୍ଡିଆ ପୋର୍ଟସ୍ ଗ୍ଲୋବାଲ୍ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ତଦାରଖ କରାଯାଏ। ଭାରତ ଚାବାହାର ଏବଂ ଜାହେଦାନ ମଧ୍ୟରେ ଏକ ରେଳ ଲାଇନ ନିର୍ମାଣ ଆରମ୍ଭ କରିଛି। ଏହି ବନ୍ଦର ମଧ୍ୟ ଭାରତ ପାଇଁ ଆଫଗାନିସ୍ତାନ ଭଳି ଦେଶଗୁଡ଼ିକୁ ମାନବିକ ସହାୟତା ପହଞ୍ଚାଇବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଥ। ଭାରତ ବନ୍ଦରର ବିକାଶ ପାଇଁ ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ସହାୟତା ଯୋଗାଇଛି ଏବଂ ଏହାକୁ ଏକ ମୁକ୍ତ ଅର୍ଥନୈତିକ କ୍ଷେତ୍ର ସହିତ ଯୋଡ଼ିଛି।

